# Akashvani, Sambalpur

## SAMBALPURI NEWS EVENING BULLETIN

## 25 December 2024- 7.02 pm- 7.12 pm.

*********************************************

୧- ସୁଶାସନ୍ ଆର୍ ଉତମ୍ ସେବା ଦିଗେ ଅଟଲ୍‌ଜୀ ଆମର୍ ପ୍ରେରଣା- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ମଧ୍ୟପ୍ରଦେଶ୍‌ର ଖଜୁରାହୋ ଠାନେ ଦେଶର୍ ପହେଲା ଜାତୀୟ ନଦୀ ସଂଯୋଗୀକରଣ୍ ପ୍ରକଳ୍ପ କେନ୍-ବେଟ୍‌ୱାର୍ କଲେ ଶିଲାନ୍ୟାସ୍ ।

୨- ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟକେ ୨୦୨୫ ତକ୍ ଯକ୍ଷ୍ମାମୁକ୍ତ କର୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ- କହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

ଆଉର୍

୪- ରାଏଜ୍ ସହେତେ ସାରା ଦେଶେ ଉସତ୍ ଉସ୍‌ନାକିଥି ଖ୍ରୀଷ୍ଟଧର୍ମାବଲମ୍ବୀ ମାନେ ପାଲନ୍ କରୁଛନ୍ ବଡ଼ଦିନ୍ ।

ପ୍ରଧାନ୍‌ମନ୍ତ୍ରୀ ସୁଶାସନ୍ ଦିବସ୍        ଏନ୍‌ଏସ୍‌ଡି

ସୁଶାସନ୍ ଆର୍ ଉତମ୍ ସେବା ଯୁଗାବାର୍ ଦିଗେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଭାରତ୍ ରତ୍ନ ଅଟଲ୍ ବିହାରୀ ବାଜପେୟୀ ଆମର୍ ସର୍‌କାର୍‌ଙ୍କର୍ ପ୍ରେରଣାର୍ ଉସ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ମଧ୍ୟପ୍ରଦେଶ୍ ନ ଆଏଜ୍ ବାଜପେୟୀଙ୍କର୍ ଶହେ ନମ୍ବର୍ ଜୟନ୍ତୀ ଆର୍ ସୁଶାସନ୍ ଦିବସ୍ ପାଲନ୍ ଉଧେ ପ୍ରଧାନ୍‌ମନ୍ତ୍ରୀ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ନିହି ପକେଇକରି କହିଛନ୍, ଆମର୍ ଲାଗି ସୁଶାସନ୍ ଗୁଟେ ଦିନ୍‌କିଆ ଘଟ୍‌ନା ନୁହେଁ- ଇଟା ଆମର୍ ସର୍‌କାର୍‌ଙ୍କର୍ ପରିଚୟ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ମଧ୍ୟପ୍ରଦେଶର ଖଜୁରାହୋ ଠାନେ ଦେଶର୍ ପହେଲା ଜାତୀୟ ନଦୀ ସଂଯୋଗୀକରଣ୍ ପ୍ରକଳ୍ପ କେନ୍-ବେଟ୍‌ୱାର ନିହି ପକେଇଛନ୍ । ଦେଶର୍ ବହୁମୁଖୀ ଆର୍ ମହତ୍ୱାକାଂକ୍ଷୀ କେନ୍-ବେଟ୍‌ୱା ପ୍ରକଳ୍ପ ସେ ଅଂଚଲ୍ ନ ପିଇବାର୍ ପାଏନ୍, ଜଲ୍‌ସେଚନ୍ ଆର୍ ବିଦ୍ୟୁତ୍ ଉତ୍ପାଦନ୍ କର୍‌ବା । ଇତାର୍‌ସଙ୍ଗେ ପ୍ରଧାନ୍‌ମନ୍ତ୍ରୀ ଓମ୍‌କାରେଶ୍ୱର୍ ଭାସମାନ୍ ସୌର ପ୍ରକଳ୍ପ ଉଦ୍‌ଘାଟନ୍ କରିକରି ୧ ହଜାର୍ ଶହେ ୫୩ ଟା ଅଟଳ ଗ୍ରାମ ସୁଶାସନ୍ ଭବନ୍‌ର ଭୂମିପୂଜା କରିଛନ୍ ।

ଆଏଜ୍ ସଖାଲେ ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ବହୁତ୍

ବିଶିଷ୍ଟ ବ୍ୟକ୍ତି ନୂଆଦିଲ୍ଲୀ ଠାନେ ସ୍ୱର୍ଗତ ବାଜପେୟୀଙ୍କର୍

ସମାଧି ସ୍ଥଳ୍ 'ସଦୈବ ଅଟଳ' ଠାନେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ସୁଶାସନ୍ ଦିବସ୍-ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଘର୍ ପ୍ରଧାନ୍ମନ୍ତ୍ରୀ ଆର୍ ମହାନ୍ ଜନନେତା ଅଟଲ୍ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ଶ୍ରୀ ବାଜପେୟୀଙ୍କର୍ ଆଦର୍ଶକେ ପାଥେୟ କରିକରି ରାଜ୍ୟ ସର୍କାର୍ ସୁଶାସନ୍ ଜରିଏ ସବୁ ସାମାଜିକ୍ ଆର୍ ଆର୍ଥିକ୍ ଉନ୍ନତିକେ ନିଶ୍ଚିତ୍ କର୍ବାର୍ ଲାଗି ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ସ୍ୱର୍ଗତ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଉଧେ ସୂଚ୍ନା ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫୁ ଆଏଜ୍ ସଖାଲେ ଭୁବ୍ନେଶ୍ୱର୍ ଏମ୍ସ ଠାନେ ବାଜପେୟୀଙ୍କର୍ ପ୍ରତିମୂର୍ତ୍ତି ନ ମାଲ୍ୟାର୍ପଣ କରାଯାଇଥିଲା । ସଂସ୍କୃତି ବିଭାଗ୍ ତର୍ଫୁ ଭିଲ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ସୁଶାସନ୍ ଦିବସ୍

ସମ୍ବଲପୁର/ ବୌଦ୍ଧ/ ସୁବର୍ଣ୍ଣପୁର୍/ ଦେବ୍ଗଡ଼୍

ସୁଶାସନ୍ ଦିବସ୍ ପାଲନ୍ ଅବ୍‌ସରେ ଆଏଜ୍ ସମ୍ବଲପୁର ଜିଲ୍ଲା ବୁର୍ଲା ଗୋଲ୍‌ଗୁଣ୍ଡା ଛକ୍‌ଠାନେ ଭାରତ୍‌ରତ୍ନ ଅଟଲ୍‌ବିହାରୀ ବାଜପେୟୀଙ୍କର୍ ପ୍ରତିମୂର୍ତିକେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉନ୍ମୋଚନ୍ କରିଛନ୍ । ବୁର୍ଲାର୍ ଇ ଗୋଲ୍‌ଗୁଣ୍ଡା ଛକ୍‌କେ ଆଏଜ୍‌ଠାନୁ ଅଟଲ୍ ଛକ୍ ନାଁ ଦିଆଯାଇଥିବାର୍‌ନୁ ଜିଲ୍ଲା ପ୍ରଶାସନ୍‌କେ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ୍ ଜନେଇଛନ୍ । ଇ ଅବ୍‌ସରେ ପଂଚାୟତିରାଜ୍ ମନ୍ତ୍ରୀ ରବି ନାଏକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଉପସ୍ଥିତ୍ ଥିଲେ ।

ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାନେ ଆଏଜ୍ ସୁଶାସନ୍ ଦିବସ୍ ପାଲନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ବିଜେପି ସଭାପତି ଅଧକ୍ଷତା କରିକରି ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଇ ଅବ୍‌ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଗୁଟେ ରକ୍ତଦାନ୍ ଶିବିରକେ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉଦ୍‌ଘାଟନ୍ କରିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସଂସ୍କୃତି ଭବନ୍ ପ୍ରେକ୍ଷାଳୟ ଠାନେ ଆଏଜ୍ ସୁଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । ସମାରୋହଥି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବାଜପେୟୀଙ୍କୁ ସୁର୍‌ତା କର୍‌ବାର୍ ସହେତେ ତାକର୍ ଜୀବନ୍ ଆଦର୍ଶ, ଦେଶ୍‌ପ୍ରେମ୍ ଆର୍ ସୁଶାସନ୍ ଉପ୍‌ରେ ଆଲୋକପାତ କରିକରି ଶ୍ରଦ୍ଧାଞ୍ଜଳି

ଜନେଇଥିଲେ । ଇ ଅବ୍‌ସରେ ଅଟଳ କବିତା ଶୀର୍ଷକ ଗୁଟେ କବିତା ପାଠୋତ୍ସବ୍ ଅନୁଷ୍ଠିତ୍ ହେଇଥିଲା ।

ଦେବ୍‌ଗଡ଼୍ ସଂସ୍କୃତି ଭବନ୍ ଠାନେ ଜିଲ୍ଲା ପ୍ରଶାସନ୍‌ର ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ସୁଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଇ ଅବ୍‌ସରେ ଉଚ୍ଚବିଦ୍ୟାଳୟ ମହାବିଦ୍ୟାଳୟସ୍ତର୍‌ଥି ବକ୍ତୃତା ପ୍ରତିଯୋଗିତା କରିକରି କୃତୀ ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲାର୍ ଭିନ୍ ଭିନ୍ ଠାନେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ସ୍ୱର୍ଗତ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଶହେ ନମ୍ବର୍ ଜନ୍ମ ଜୟନ୍ତୀ ପାଲିତ୍ ହେଇଯାଇଛେ । ଗୁଟେ ରାଷ୍ଟ୍ର ଶ୍ରେଷ୍ଠ ରାଷ୍ଟ୍ର ଗଠନ୍‌ର ପରିକଳ୍ପନା କରିଥିବା ବାଜପେୟୀ ଝନେ ବାଗ୍ମୀ ଆଉ ନିଜର୍ ଭାଷା ସଂଯମତା ଆର୍ ଶୁଦ୍ଧ ଶବ୍ଦର୍ ବେଭାର୍ ଲାଗି ଶ୍ରୋତାମାନ୍‌କର୍ ମନ୍ ଜିତ୍‌ବାର୍ କଳା ରଖିଥିଲେ ବଲି ଅତିଥି ମାନେ କହିଥିଲେ ।

ପଂଚଦଶ ଅର୍ଥ କମିଶନ୍ ପି.ଆଇ.ବି.

ଓଡ଼ିଶାର୍ ଗ୍ରାମାଂଚଲ୍‌ର ବିକାଶ୍ ଲାଗି ୨୦୨୪ -୨୫ ଆର୍ଥିକ୍ ବଛର୍‌ଥି କେନ୍ଦ୍ର ସର୍‌କାର୍ ପଂଚଦଶ ଅର୍ଥ କମିଶନ୍ ଅନୁଦାନ୍ ମଞ୍ଜୁର୍ କରିଛନ୍ । ଇ ଆର୍ଥିକ୍ ବଛ୍‌ରର୍ ୨ ନମ୍ବର୍ ଖେପ୍‌ଥି ଓଡ଼ିଶାକେ କେନ୍ଦ୍ର ସର୍‌କାର୍ ୩ ଶହ ୭୦ କୋଟି ୨୦ ଲାଖ୍ ଟଙ୍କା ଅନୁଦାନ୍ ଦେଇଛନ୍ । ଇତାର୍‌ସଙ୍ଗେ ରହିଯାଇଥିବା ପହେଲା ଖେପର୍ ୮୪ କୋଟି ୫୦ ଲାଖ୍ ଟଙ୍କା ଭିଲ୍ ଅନୁଦାନ୍ ଦେଇଛନ୍ । ସବୁ ଅନୁଦାନ୍ ରାଶି ରାଜ୍ୟର୍ ୩୦ ଟା ଜିଲ୍ଲାର୍ ୩ ଶହ ୧୪ ଟା ବ୍ଲକ୍‌ର ୬ ହଜାର୍ ୭ ଶହ ୯୪ ଟା ପଂଚାୟତ୍‌ର ବିକାଶ୍ ଲାଗି ବିନିଯୋଗ୍ କରାଯିବା ।

ବହୁମୁଖୀ ସମବାୟ ସମିତି            ଆର୍‌ଏନ୍‌ୟୁ/ କଟକ୍

ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି - ମୋଡ଼େଲ୍ ପେକ୍ସ ନ ଗୁଟେ ଠାନେ କୃଷି ସମ୍ବନ୍ଧିତ୍ ସବୁ ସୁବିଧା ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର୍ ଶୁଭାରମ୍ଭ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ସର୍‌କାର୍ ପହେଲା ଖେପେ ପେକ୍ସ ଆର୍ ଲେମ୍ପ୍‌ସ୍ ମାନ୍‌କେ ୭୭ ଟା ମୋଡ଼େଲ୍ ପେକ୍ସ ଗଠନ୍ ଲାଗି ନିଷ୍ପତି ନେଇଛନ୍ । କୋ-ଅପରେଟିଭ୍ ସୋସାଇଟି ମାନ୍‌କୁ ସଶକ୍ତ କର୍‌ବାର୍

ଲାଗି ସର୍କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । କାମ୍‌ଧେନୁ ଆର୍ ଗୋମାତା ଯୋଜ୍‌ନାକେ ତ୍ରୁଣମୂଲ୍‌ସ୍ତରେ୍‌ଥି କାର୍ଯ୍ୟକାରୀ କର୍‌ବାର୍ ଲାଗି ବଜେଟ୍ ବ୍ୟବସ୍ଥା ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସମବାୟ ଆନ୍ଦୋଲନ୍‌କେ ଲୋକାଭିମୁଖୀ କର୍‌ବାର୍ ଲାଗି କେନ୍ଦ୍ର ସର୍କାର୍‌ଙ୍କର୍ ସମବାୟ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ନୂତନ୍ କାର୍ଯ୍ୟକ୍ରମ୍‌କେ ସର୍କାର୍ ଦେଉଛନ୍ । ପେକ୍ସ-ଲେମ୍ପ୍‌ସ୍‌କେ ବହୁମୁଖୀ କର୍‌ବାର୍ ଲାଗି କମ୍ପ୍ୟୁଟରୀକରଣ୍ ଜରିଏ ପେକ୍ସ ମାନ୍‌କୁ ସ୍ୱଚ୍ଛ ଆର୍ ମଜ୍‌ବୁତ୍ କର୍‌ବାର୍ ଲାଗି ସର୍କାର୍ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ, ମୁଖ୍ୟଶାସନ୍ ସଚିବ ମନୋଜ୍ ଆହୁଜା ଉପସ୍ଥିତ୍ ଥିଲେ ।

ଯକ୍ଷ୍ମା- ସମ୍ବଲପୁର ସମ୍ବଲପୁର୍ ସମ୍ବାଦଦାତା

ରାଜ୍ୟକେ ୨୦୨୫ ମସିହାତକ୍ ଯକ୍ଷ୍ମାମୁକ୍ତ କର୍‌ବାର୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତର୍‌ଫୁ ଆୟୋଜିତ୍ ଯକ୍ଷ୍ମା ମୁକ୍ତ ଭାରତ୍ ଅଭିଯାନ୍‌କେ ଉଦ୍‌ଘାଟନ୍ କରିକରି କେନ୍ଦ୍ରମନ୍ତ୍ରୀ କହିଛନ୍ ରାଏଜେ ଯକ୍ଷ୍ମାରୋଗ୍ ନିରାକରଣ୍ କ୍ଷେତ୍ରେଥି ସ୍ୱାସ୍ଥ୍ୟକର୍ମୀ ଆର୍ ଆଶାକର୍ମୀମାନ୍‌କର୍ ବଡ଼ ଭୂମିକା ରହିଛେ ।

ଯକ୍ଷ୍ମା ରୋଗର୍ ନିରାକରଣ୍ ଲାଗି ପୁଷ୍ଟିକର ଖାଏବାର୍, ଠିକ୍ ସମିଆଥି ରୋଗର୍ ଚିହ୍ନଟ୍ ଆର୍ ନମୁନା ସଂଗ୍ରହ ଉପ୍ରେ କେନ୍ଦ୍ରମନ୍ତ୍ରୀ ଜୋର୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ...

(ଭଏସ୍ ଓଭର୍- କେନ୍ଦ୍ରମନ୍ତ୍ରୀ)

ଜିଲ୍ଲାକେ ପୋଷ୍ୟ ଭାବେ ଗ୍ରହଣ୍ କରିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ୧୨ ହଜାର୍ ଶହେ ୮୦ ଟା ପୁଷ୍ଟି କିଟ୍ ଦେଇଛନ୍ । ଇତାର୍‌ସହେତେ ୨ ଟା ସଚେତନତା ରଥର୍ ଶୁଭାରମ୍ଭ କରିଛନ୍ ଆର୍ ଗୁଟେ ଲିଫ୍‌ଲେଟ୍‌ର ଉନ୍ମୋଚନ୍ କରିଛନ୍ । ଯକ୍ଷ୍ମା ରୋଗ୍‌ନୁ ଭଲ୍ ହେଇଥିବା ବ୍ୟକ୍ତି ଆର୍ ନି-କ୍ଷୟ ମିତ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ସମ୍ବର୍ଦ୍ଧିତ୍ କରିଛନ୍ ।

ବଡ଼ଦିନ        ଆର୍‌ଏନ୍‌ୟୁ /ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍

ଆଏଜ୍ ହେଉଛେ ପବିତ୍ର ବଡ଼ଦିନ । ପୃଥିବୀ ପୃଷ୍ଠକେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆସିଛନ୍ । ହେଥିର୍‌ଲାଗି ରାଜ୍ୟର୍ ସବୁ ଜାଗା ସହେତେ ସାରା ଦେଶେ କାର୍ଯ୍ୟକ୍ରମ୍ ମାନ ଚାଲିଛେ । ବଡ଼ଦିନ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ କରିଛନ୍ ଯେ, ଆଝିର୍ ଇ ବିଶେଷ୍ ଦିନ୍ ପ୍ରଭୁ ଯୀଶୁଙ୍କର୍ ପ୍ରେମ, ଦୟା ଆର୍ କରୁଣାର୍ ଅନନ୍ତକାଳୀନ ଶିକ୍ଷା

ବାବ୍‌ଦେ ସୁର୍‌ତା କରାସି । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବଡ଼ଦିନ୍ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ଆର୍ କହିଛନ୍ ଯୀଶୁଖ୍ରୀଷ୍ଟଙ୍କର୍ ଶିକ୍ଷା ସମସ୍ତଙ୍କୁ ଶାନ୍ତି ଆର୍ ସମୃଦ୍ଧିର ବାଟ୍ ଦେଖଉ ।

ପଶ୍ଚିମ ଓଡ଼ିଶାର୍ ସବୁ ଇଲାକା ସହେତେ ରାଏଜେ ଜାକ୍‌ଜମକ୍‌ଥି ବଡ଼ଦିନ୍ ପାଲନ୍ କରାଯାଉଛେ । ଚର୍ଚ୍ଚମାନ୍‌କେ ରଙ୍ଗିନ୍ ଲାଇଟ୍‌ଥି ସଜାଯାଇଛେ । ଗଲାକାଏଲ୍ ଅଧ୍‌ରାତିନୁ ଚର୍ଚ୍ଚ ମାନ୍‌କୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ଧରାବତରଣ୍‌କେ ସ୍ୱାଗତ୍ କରାଯାଇକରି ଖାସ୍ ପ୍ରାର୍ଥନା କରାଯାଇଛେ । ବଡ଼ଦିନ୍ ଅବ୍‌ସରେ ଚର୍ଚ୍ଚମାନ୍‌କୁ ଆଏଜ୍ ଦିନ୍‌ସାରା କାର୍ଯ୍ୟକ୍ରମ୍‌ମାନ୍ ହେଇଛେ ।

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବଡ଼ଦିନ୍ ପରବ୍ ଉସ୍‌ନାକିଥି ପାଲିତ୍ ହେଇଯାଇଛେ । ଜିଲ୍ଲାର୍ ଖ୍ରୀଷ୍ଟଧର୍ମ ସମ୍ପ୍ରଦାୟର୍ ଲୁକେ ପ୍ରଭୁ ଯୀଶୁଙ୍କର୍ ଧରାବତରଣ୍ ଉତ୍ସବ୍ ପାଲନ୍ କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ମହକୁମା ସହେତେ ଉଲୁଣ୍ଡା, ତର୍‌ଭା ବାଗିର୍ ଜାଗାମାନ୍‌କେ ରହିଥିବା ଖ୍ରୀଷ୍ଟଧର୍ମୀ ସମ୍ପ୍ରଦାୟର୍ ଲୁକେ ବଡ଼ଦିନ୍ ପର୍ବର୍ ଶୁଭେଚ୍ଛା ଦିଆନିଆ କରିଛନ୍ । ଇ ଅବ୍‌ସରେ ଭିନ୍ ଭିନ୍ ଚର୍ଚ୍ଚ ପରିସର୍ ନ ପ୍ରଭୁ ଯୀଶୁଙ୍କର୍ ତ୍ୟାଗ ଆର୍ ମହତ୍‌ବାଣୀ ଉପ୍‌ରେ ସମୂହ ପ୍ରାର୍ଥନା ପର୍ବ ଅନୁଷ୍ଠିତ୍ ହେଇଥିଲା ।

ସମ୍ବଲ୍‌ପୁର୍ - କୃଷି ଯନ୍ତ୍ରପାତି ମେଳା ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ପିଏଚ୍‌ଡ଼ି ପଡ଼ିଆଠାନେ ଆୟୋଜିତ୍ ହେଇଥିବା କୃଷି ଯନ୍ତ୍ରପାତି ମେଳା ଆଉ କୃଷି ମହୋତ୍ସବ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ମେଳାଥି ଭିନ୍ ଭିନ୍ ଉନ୍ନତ୍ କିସ୍‌ମର୍ କୃଷି ଯନ୍ତ୍ରପାତି ପ୍ରଦର୍ଶିତ୍ ହେଇଥିଲା । ଚାଷୀମାନ୍‌କୁ ରିହାତି ଦର୍‌ଥି ଯନ୍ତ୍ରପାତି ଇଠାନେ ଦିଆଯାଇଛେ । ଯେନ୍‌ଚାଷୀମାନେ ଭଲ୍ ଚାଷ୍ କର୍‌ବାର୍ ସହେତେ ସ୍ୱାବଲମ୍ବୀ ହେଇପାରିଛନ୍, ସେମାନ୍‌କୁ ଇ ଅବ୍‌ସରେ ପୁରସ୍କୃତ୍ ଭିଲ୍ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବ୍‌ଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଏନ୍ତା ଯନ୍ତ୍ରପାତି ମେଳା ଜରିଏ ଚାଷୀମାନେ ନୂଆଁ ଉପେଥି କେନ୍ତା ଚାଷ୍ କରିକରି ଅଏତ୍‌କା ଅମଲ୍ କରିପାର୍‌ବେ ସେ ବାବ୍‌ଦେ ଚାଷୀମାନ୍‌କୁ ବୁଝେଇଥିଲେ ।

କୁଳପତି ସଞ୍ଜୟ କୁମାର୍ ଶତ୍‌ପଥୀ ପରଲୋକ କଳାହାଣ୍ଡି

ଭବାନୀପାଟ୍‌ନା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର୍ ପହେଲା କୁଳପତି ସଞ୍ଜୟ କୁମାର୍ ଶତ୍‌ପଥୀଙ୍କର୍ ଭୁବ୍‌ନେଶ୍ୱର୍ ଠାନେ ଚିକିତ୍ସାଧୀନ୍ ଅବସ୍ଥାଥି ପରଲୋକ ହେଇଯାଇଛେ । ୨୦୨୧

ଥି ସେ ବିଶ୍ୱବିଦ୍ୟାଳୟର୍ ପହେଲା କୁଲପତି ଭାବେ ଦାୟିତ୍ୱ ଗ୍ରହଣ୍ କରିକରି ବିଶ୍ୱବିଦ୍ୟାଳୟର୍ ବହୁତ୍ ଉନ୍ନତି କରିଥିଲେ । ସେ ଝନେ ସୁବକ୍ତା, ଉଦ୍‌ଘୋଷକ ଆର୍ ଗାୟକ୍ ଭାବେ ଖୋବ୍ ନାଁ କରିଥିଲେ । ତାଙ୍କର୍ ମୃତ୍ୟୁ ଲାଗି ଭିନ୍ ଭିନ୍ ମହଲ୍‌ଥି ଶୋକର୍ ଛାୟା ଖେଲିଯାଇଛେ ।

ଯୁବ ଉତ୍ସବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନେସ୍‌ନାଲ୍ କଲେଜ୍ ପରିସର୍ ନ ନେହେରୁ ଯୁବକେନ୍ଦ୍ର ତର୍‌ଫୁ ଆଏଜ୍ ଯୁବ ଉତ୍ସବ୍ ପାଲିତ୍ ହେଇଯାଇଛେ । ଉତ୍ସବ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।